**ଭୁବନେଶ୍ୱର ସାହିତ୍ୟ ସମାଜର ମାସିକ ଅଧିବେଶନ**

# ପତ୍ରିକାର ଗୁଣାତ୍ମକତା ଦକ୍ଷ ସମ୍ପାଦନା ଉପରେ ନିର୍ଭରଶୀଳ

**ଭୁବନେଶ୍ୱର,୨୧।୨/ଏନ୍ଏନ୍ଏସ୍:** ଗୋଟିଏ ପତ୍ରିକାର ଗୁଣାତ୍ମକମାନ ତାହାର ସଫଳ ସମ୍ପାଦନା ଉପରେ ନିର୍ଭରଶୀଳ। ପାଠକୀୟ ଆଦୃତି, ଲେଖକୀୟ ଆକର୍ଷଣ ଓ ପ୍ରକାଶକୀୟ ଆନ୍ତରିକତା ବଳରେ ଜଣେ ସମ୍ପାଦକ ଅନେକ ଲୋକପ୍ରିୟତା ଅର୍ଜନ କରେ। ଓଡ଼ିଶାରେ ପତ୍ରିକା ସମ୍ପାଦନା ଆହୁରି ଅନେକ ସମ୍ଭାବନା ଓ ସ୍ୱପ୍ନକୁ ସାକାର କରିବାକୁ ତତ୍ପର ହେବା ଆବଶ୍ୟକ। ଜଣେ ସମ୍ପାଦକ ଲେଖା ସଂଗ୍ରହଣ କି ସଂକଳନ ଉପରେ ଗୁରୁତ୍ୱ ନଦେଇ ପତ୍ରିକାର ଗୁଣାତ୍ମକତା ବଜାୟ ରଖିବା ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେସନରେ ମତପ୍ରକାଶ ପାଇଛି। ସ୍ଥାନୀୟ କୃଷକ ସମାଜରେ ଅନୁଷ୍ଠିତ ଏହି ବୈଠକରେ ବିଶିଷ୍ଟ ସମ୍ପାଦକ, ଗବେଷକ ଓ ସଂଗଠକ ଡ. ରମେଶ ପାଣି ଯୋଗଦେଇ କହିଥିଲେ ଯେ, କେବଳ ବ୍ୟବସାୟିକ ସଫଳତା ଉପରେ ଗୁରୁତ୍ୱ ନଦେଇ ଜଣେ ସମ୍ପାଦକ ପ୍ରତିଭା ଚୟନ, ପାଠକୀୟ ପସନ୍ଦ, ଲେଖକୀୟ ସ୍ୱାଭିମାନକୁ ପ୍ରାଥମିକତା ଦେବା ଦରକାର। ପତ୍ରିକାର ସଫଳତା ତା'ର ସମ୍ପାଦକୀୟ ଦକ୍ଷତା ଉପରେ ନିର୍ଭର କରେ। ଅନୁଷ୍ଠାନର ସଭାପତି ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ଅଧକ୍ଷତା କରି କହିଥିଲେ ଯେ, ପ୍ରକାଶନରେ ନିୟମିତତା, ଲେଖା ନିର୍ବାଚନ ଓ ପାଠକୀୟ ରୁଚି ହେଉଛି ଜଣେ ସମ୍ପାଦକ ପାଖରେ ବଡ଼ ଆହ୍ୱାନ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଉପସଭାପତି ମିନତୀ ଦାଶ, ସବିତା ଶତପଥୀ, ଅନ୍ନପୂର୍ଣ୍ଣା ଭଞ୍ଜ ଓ ଶ୍ରୁତିକୀର୍ତ୍ତି ତ୍ରିପାଠୀଙ୍କ ମିଳିତ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଜୁଳା ତ୍ରିପାଠୀ, ସୁଷମା ଲେଙ୍କା, ସୌଦାମିନୀ ବେହେରା, ଅମ୍ବିକା ସ୍ୱାଇଁ, କମଳିନୀ ଦେବୀ, ଦୀନବନ୍ଧୁ ପଣ୍ଡା, ଡ. ରାଜୀବ ଷଡ଼ଙ୍ଗୀ, ସୌଦାମିନୀ ସାମନ୍ତରାୟ, ଡ. ରାଜଲକ୍ଷ୍ମୀ ଜେନା, ବିଦେଶୀ ଭଞ୍ଜ, ଭାଗୀରଥି ସେଠୀ, ଶୈଳେନ୍ଦ୍ର ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।